## ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ବ୍ରହ୍ମପୁର ଓ ଛତ୍ରପୁରରୁ ବିଭିନ୍ନ ସ୍ଥାନକୁ ଗଡ଼ିବ ୫୦ ଇ-ବସ୍



■ ଡ୍ରାଇଭରଙ୍କ ପାଇଁ କାର୍ଯ୍ୟକ୍ଷମ ହେବ ଟ୍ରକ୍ ଟର୍ମିନାଲ୍

■ ରାସ୍ତା ପ୍ରଶସ୍ତିକରଣ ଏବଂ ଉନ୍ନତିକରଣ ୨ ପ୍ରକଳ୍ପର ଶିଳାନ୍ୟାସ

ବ୍ରହ୍ମପୁର/ଛତ୍ରପୁର,୧୨।୧(ସମିସ): ହଳଦିଆପଦର ବସ୍‌ଷ୍ଟାଣ୍ଡରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜିଲ୍ଲାରେ ଇ-ବସ ସେବା ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ସ୍ଥିତ ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଞ୍ଜାମ ଜିଲ୍ଲା ନିମନ୍ତେ ମୋଟ ୫୦ଟି ଅତ୍ୟାଧୁନିକ ଇ-ବସ ପ୍ରଦାନ କରାଯାଇଥିବା କହିଛନ୍ତି। ସେଥିମଧ୍ୟରୁ ବ୍ରହ୍ମପୁର ଓ ଛତ୍ରପୁରରୁ ୨୫ଟି ଲେଖାଏଁ ଇ-ବସ ବିଭିନ୍ନ ସ୍ଥାନକୁ ଗଡ଼ିବ। ସେହିପରି ଇ-ବସ୍ ଶୁଭାରମ୍ଭ ସହିତ ବଡ଼ଗଡ଼ରୁ ମୋହନା ରାସ୍ତା(୮.୨ କିମି) ଏବଂ ବୁଗୁଡ଼ାରୁ ପୋଲସରା ପୂର୍ତ୍ତ ବିଭାଗ ରାସ୍ତାଠାରୁ ସିଂହାସିଟି ଭାୟା ଚିରିକିପଡ଼ା ଶାସନ ରାସ୍ତା(୧୦କିମି)ର ପ୍ରଶସ୍ତିକରଣ ଏବଂ ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପ୍ରଥମ ପ୍ରକଳ୍ପର ବ୍ୟୟଅଟକଳ ୧୩.୪୧ କୋଟି ଟଙ୍କା ରହିଥିବା ବେଳେ ଦ୍ୱିତୀୟ ପ୍ରକଳ୍ପର ବ୍ୟୟ ଅଟକଳ ୨୯.୯୪ କୋଟି ଟଙ୍କା ରହିଛି।

ଅନ୍ୟପକ୍ଷରେ କାର୍ଯ୍ୟକ୍ରମରେ ଜିଲ୍ଲାରେ ଦୁର୍ଘଟଣା ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଜିଲ୍ଲାର ୧୦ଟି ଦୁର୍ଘଟଣା ପ୍ରବଣ ସ୍ଥାନକୁ ଚିହ୍ନଟ କରାଯାଇ ଶୂନ୍ୟ ମୃତାହତ ସ୍ଥାନ ରୂପେ ପରିଣତ କରିବା ପାଇଁ ବ୍ୟାରିକେଡ୍, ସଚେତନତା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଶୂନ୍ୟ ମୃତାହତ ଜିଲ୍ଲା (ଜେଡ୍‌ଏଫ୍‌ଡି) କାର୍ଯ୍ୟକ୍ରମ ମାଧ୍ୟମରେ ୫୦ଜଣ ଟ୍ରାଫିକ୍ ୱାର୍ଡେନ୍‌ଙ୍କୁ ନିୟୋଜିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସଡକ ସୁରକ୍ଷା ଆକ୍ସନ୍ ପ୍ଲାନ୍ ଅନୁଯାୟୀ ୧୧ଟି ଥାନା ସହିତ ମିଳିତ ଏନ୍‌ଫୋର୍ସମେଣ୍ଟ କରାଯାଉଛି। ଆଇଇଏମ୍‌ଏସ୍ ବ୍ୟବସ୍ଥା ମାଧ୍ୟମରେ ୨୫ଟି ଦୁର୍ଘଟଣା ପ୍ରବଣ ସ୍ଥାନରେ ଏଏନ୍‌ପିଆର୍ କ୍ୟାମେରା ମାଧ୍ୟମରେ ଏନ୍‌ଫୋର୍ସମେଣ୍ଟ କରାଯିବାକୁ ବ୍ୟବସ୍ଥା କରାଯାଉଛି। ୭ଟି କ୍ୟାମେରା କାର୍ଯ୍ୟକ୍ଷମ ଥିବାବେଳେ ୧୮ଟି କ୍ୟାମେରା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। ଜିଲ୍ଲାର ୧୫ହଜାର ଗାଡ଼ିଚାଳକଙ୍କୁ ଟ୍ରେନିଂ ପ୍ରଦାନ କରାଯାଇଛି ଏବଂ ଅଦ୍ୟାବଧି ୬୬୫ଜଣ ଗାଡ଼ିଚାଳକ ନିଯୁକ୍ତି ପାଇଛନ୍ତି। ୪୨୧ଜଣ ଏନ୍‌ସିସି କାଡେଟ୍‌ଙ୍କୁ ପ୍ରାଥମିକ ସେବା ଟ୍ରେନିଂ ଦିଆଯାଇଛି। ଗିରିସୋଲାରେ ଟ୍ରକ୍ ଟର୍ମିନାଲ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ। ପ୍ରାୟ ୧୧ ଏକର ଜାଗାରେ ଟର୍ମିନାଲ୍ ନିର୍ମାଣ କରାଯାଇଛି। ଏହି ରାସ୍ତା ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟତ କରୁଥିବା ଡ୍ରାଇଭରମାନେ ଏଠାରେ ନିଜ ଗାଡ଼ି ପାର୍କିଂ କରି ବିଶ୍ରାମ ନେବାର ବ୍ୟବସ୍ଥା ରହିଛି। ସେଲଟର ୨୦୦ଗାଡ଼ି ପାର୍କିଂ ସମେତ ଡ୍ରାଇଭରଙ୍କ ଶୋଇବା, ଶୌଚାଳୟ, ଢ଼ାବା ଓ ଦୋକାନ ଭଳି ବିଭିନ୍ନ ସେବାର ବ୍ୟବସ୍ଥା ରହିଛି। ଏହାର ରକ୍ଷଣାବେକ୍ଷଣ ନିମନ୍ତେ ଏଚ୍‌ପିସିଏସ ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶୁଭାରମ୍ଭ ପରେ ବସ୍‌ଷ୍ଟାଣ୍ଡରୁ ଏକ ବସ୍ ଛତ୍ରପୁର ଯାତ୍ରୀଙ୍କୁ ନେଇ ଯାଇଥିବା ବେଳେ ସେଠାରେ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ୍, କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଉପଜିଲ୍ଲାପାଳ ଅବିନାଶ କୁମାର, ବିଡ଼ିଏ ସଚିବ ରମେଶ ଚନ୍ଦ୍ର ହାଂସଦା, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଓ ଗଞ୍ଜାମ ଆରଟିଓ ଦେବାଶିଷ ସ୍ୱାଇଁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ବିନାୟକ ଆଚାର୍ଯ୍ୟ କଲେଜରେ ଜାତୀୟ ଯୁବ ଦିବସ



ବ୍ରହ୍ମପୁର,୧୨।୧(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ସଭାପତିତ୍ୱ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ସୁଧାନନ୍ଦ ମହାରଣା ସମୂହ ଗାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏ ଅବସରରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ସମବେତ ଛାତ୍ରଛାତ୍ରୀଙ୍କୁ ସଂବୋଧିତ କରି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜାତୀୟ ସେବା ଯୋଜନା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ଓ ଡ. ଶୁଭଶ୍ରୀ ଅପରାଜିତା, ଏନ୍.ଏସ୍.ଏସ୍. ସଂଯୋଜିକା ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ। 'ନାକ୍' ସଂଯୋଜକ ଡ. ଅଚ୍ୟୁତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାହୁଦା ଅବବାହିକାରେ ବିରଳ 'ଇଣ୍ଡିଆନ ସ୍କିମର୍'



ବ୍ରହ୍ମପୁର,୧୨।୧(ସମିସ): ଗଞ୍ଜାମ ଜିଲ୍ଲା ସୋନପୁର ବାହୁଦା ନଦୀ ଅବବାହିକାରେ ଜଳପକ୍ଷୀ ଅନୁସନ୍ଧାନ ସମୟରେ ଶୀତକାଳୀନ ପ୍ରବାସୀ ପକ୍ଷୀମାନଙ୍କ ମଧ୍ୟରେ ଏକ 'ପାଣି ଚିରା' ବା 'ଇଣ୍ଡିଆନ ସ୍କିମର' ଦେଖିବାକୁ ମିଳିଛି। ପ୍ରାୟ ୩ଘଣ୍ଟା ପର୍ଯ୍ୟବେକ୍ଷଣ ଅବଧି ମଧ୍ୟରେ ପକ୍ଷୀଟି ସମ୍ପୂର୍ଣ୍ଣ ବିଶ୍ରାମ ଅବସ୍ଥାରେ ରହିଥିଲା। ଦୀର୍ଘ ସମୟ ଧରି ବିଶ୍ରାମ ନେବା ଉଲ୍ଲେଖନୀୟ ପ୍ରକ୍ରିୟା, କାରଣ ଭାରତୀୟ ସ୍କିମରମାନେ ସାଧାରଣତଃ ସକାଳ ଏବଂ ସନ୍ଧ୍ୟା ସମୟରେ ସକ୍ରିୟ ରହି ଖାଦ୍ୟ ଅନ୍ୱେଷଣରେ ଜଳପୃଷ୍ଠକୁ ଅବତରଣ କରନ୍ତି। କେବଳ ଗୋଟିଏ ପକ୍ଷୀର ଉପସ୍ଥିତି ଏହି ଅଞ୍ଚଳରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବିରଳତାକୁ ଉଲ୍ଲେଖ କରେ ଏବଂ ଏହାର ସ୍ଥିତି, ବାସସ୍ଥାନ ବ୍ୟବହାର, ସଂରକ୍ଷଣ ଆବଶ୍ୟକତା ଗୁରୁତ୍ୱର ସହ ଅଧିକ ବ୍ୟବସ୍ଥିତ ଅନୁସନ୍ଧାନର ଆବଶ୍ୟକତା ରହିଛି। ୱାଇଲ୍ଡ ଲାଇଫ ଇଣ୍ଟରନ୍ୟାସନାଲ ସର୍ଭେ ଅନୁସାରେ ସାରା ବିଶ୍ୱରେ ପ୍ରାୟ ୨୯ଶହ ବିଲୁପ୍ତ ଭାରତୀୟ ସ୍କିମର ରହିଛନ୍ତି। ପୂର୍ବରୁ ଚିଲିକାର ନଳବଣ, ମହାନଦୀ ଅବବାହିକା ଏବଂ ଭିତରକନିକାରେ ଏହି ପକ୍ଷୀ ଦେଖିବାକୁ ମିଳିଛି। ଏହି ପକ୍ଷୀ ସର୍ବେକ୍ଷଣରେ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ପୁରୀ ବନଖଣ୍ଡ ପ୍ରାକ୍ତନ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଞ୍ଜନ ରଥ, ପରିବେଶବିତ ସାଗର କୁମାର ପାତ୍ର, ସୌମ୍ୟ ରଞ୍ଜନ ବିଶ୍ୱାଳ, ବିଜେନ୍ଦ୍ର ମାଝୀ ଓ ଗଣପତି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାହୁଦା ମୁହାଣରେ ବୃହତ ଜୈବ ବିବିଧତା ଥିବା ଦ୍ୱାରା ପ୍ରତିବର୍ଷ ବିଭିନ୍ନ ବିଦେଶୀ ପକ୍ଷୀଙ୍କ ଆଗମନ ହେଉଛି ଏହାର ସୁରକ୍ଷା ପ୍ରତି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ସଚେତନତା କ୍ଷେତ୍ରରେ ବନ ବିଭାଗ ଅଧିକ ଦୃଷ୍ଟି ଦେବା ଜରୁରୀ।

# ବିଶ୍ୱବିଦ୍ୟାଳୟରେ ଭାଷା ଆଇନ କଡ଼ାକଡ଼ି କାର୍ଯ୍ୟକାରୀ ଦାବି

### ଉଦ୍‌ବେଗ ପ୍ରକାଶ ସହ କୁଳପତିଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସ୍ମାରକପତ୍ର

### ମାସକ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ କୁଳପତି



ବ୍ରହ୍ମପୁର,୧୨।୧(ସମିସ): ରାଜ୍ୟ ସରକାରଙ୍କ ଭାଷା ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଖୋଦ୍ ସରକାରୀ ଅନୁଷ୍ଠାନରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏଥିରୁ ବାଦ୍ ପଡ଼ିନି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। ଏନେଇ ଖବର ପ୍ରକାଶ ପରେ ଓଡିଆ ଭାଷା ଆନ୍ଦୋଳନ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ, ପ୍ରଗତିଶୀଳ ଉତ୍କଳ ସମାଜ ଓ ସଂସ୍କାରବାଦୀ ସଙ୍ଗଠନ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ସଂଗଠନ ଗୁଡ଼ିକର ଏକ ପ୍ରତିନିଧି ମଣ୍ଡଳୀ ବିଶ୍ୱବିଦ୍ୟାଳୟ ଯାଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟକୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ କରି ଏଠାରେ ଓଡିଆ ଭାଷାକୁ ଅପମାନ କରିବା ଅର୍ଥ ଭଞ୍ଜ ମାଟିକୁ ଓ ଭଞ୍ଜଙ୍କୁ ଅସମ୍ମାନ କରିବା। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଲାଗିଥିବା ସମସ୍ତ ନାମଫଳକ ଓ ସୂଚନା ଫଳକ ଏପରିକି ଖୋଦ୍ ଓଡିଆ ବିଭାଗର ସୂଚନା ଫଳକ ମଧ୍ୟ ଇଂରାଜୀରେ ଲେଖାଯାଇଥିବା ଦେଖି ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନ୍ତତଃ ପକ୍ଷେ ଶତକଡ଼ା ୬୦ଭାଗ ଓଡ଼ିଆରେ ଉଲ୍ଲେଖ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ତାଙ୍କ ବିଭାଗ ଦ୍ୱାରା ବେଖାତିର ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଅବଗତ ହେବାପରେ ମାସକ ମଧ୍ୟରେ ସମସ୍ୟାର ସମାଧାନ କରାଯିବା ନେଇ କୁଳପତି ପ୍ରଫେସର ଦାଶ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ତେବେ ମାସକ ମଧ୍ୟରେ କ୍ୟାମ୍ପସର ସମସ୍ତ ନାମଫଳକ ଓ ସୂଚନା ଫଳକରେ ସୁଧାର ନଆସିଲେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ନେଇ ମଧ୍ୟ ଚେତାବନୀ ଦିଆଯାଇଛି। ଏଥିରେ ଓଡିଆ ଭାଷା ଆନ୍ଦୋଳନର ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଗତିଶୀଳ ଉତ୍କଳ ସମାଜର ଆବାହକ ସରୋଜ ରଂଜନ ପଟ୍ଟନାୟକ, ବିନୋଦ ଠାକୁର, ସଂସ୍କାରବାଦୀ ସଙ୍ଗଠନର ଲଳିତ କୁମାର ସାହୁ, ରବି ନାରାୟଣ ସାବତ, ପ୍ରତାପ ଚନ୍ଦ୍ର ଦାଶ ଓ ଦିପ୍ତୀ ରଂଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟଣା
## ହତ୍ୟା ମାମଲାରେ ମ୍ୟାନେଜର ଗିରଫ

ବ୍ରହ୍ମପୁର,୧୨।୧(ସମିସ): ସଦର ଥାନା ଅନ୍ତର୍ଗତ ଲାଠି ମୁଖ୍ୟ ରାସ୍ତାରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଖାରବେଳ ନଗର ୧ମ ଲାଇନ୍‌ର ଅଶୋକ କୁମାର ପାଣିଗ୍ରାହୀଙ୍କ ୨୦୨୫ ଅକ୍ଟୋବର ୫ରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତ ଯୁବକଙ୍କ ପତ୍ନୀ ସ୍ମୃତିରେଖା ପାଣିଗ୍ରାହୀଙ୍କ ଅଭିଯୋଗ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ପୁଲିସ ନଂ.୧୬/୨୬ ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଉକ୍ତ ନିଶା ନିବାରଣ କେନ୍ଦ୍ରର ମ୍ୟାନେଜର କାହ୍ନୁ ଚରଣ ବାଡ଼ତ୍ୟା(୨୬)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମନିୟମ୍ ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ଏବେ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନା ଥାଉ କି, ଅଶୋକଙ୍କ ନିଶାପାନ ଅଭ୍ୟାସ ଦୂର କରିବାକୁ ତାଙ୍କୁ ଲାଠୀ ରାସ୍ତାରେ ଥିବା ନିଶା ନିବାରଣ କେନ୍ଦ୍ରରେ ୨୦୨୫ ଜୁଲାଇରେ ରଖାଯାଇଥିଲା। ଉକ୍ତ କେନ୍ଦ୍ରର ମୁଖିଆ ଆମକୁ କହିଥିଲେ ଯେ, ଏଠାରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ରହିଛି। ମାସକୁ ୬ ହଜାର ଟଙ୍କା ଦେଉଥିଲୁ। ଔଷଧ ପାଇଁ ୩ରୁ ୪ହଜାର ଟଙ୍କା ଦେଉଥିଲୁ। ଅକ୍ଟୋବର ୫ ସକାଳେ ଆମକୁ ଉକ୍ତ କେନ୍ଦ୍ରରେ ରହୁଥିବା ସୂର୍ଯ୍ୟ ସାର୍ ଫୋନ କରି କହିଥିଲେ ଯେ, ଅଶୋକ ଛାତରୁ ଡେଇଁ ପଡ଼ିଛି। ଆମେ ତାକୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛୁ। ହେଲେ ମେଡିକାଲରେ ପହଞ୍ଚି ଦେଖିବା ବେଳକୁ ତାଙ୍କର ମୃତ୍ୟୁଘଟିଥିଲା। ସନ୍ଦେହ କରି ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ।

## ତାଲା ବନ୍ଦ ଘରୁ ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୧୨।୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାପୁଜୀ ନଗର ତୃତୀୟ ଲାଇନ ଠାରେ ରହୁଥିବା ଅଭୟ କୁମାର ସାହୁଙ୍କ ଘରରୁ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ପୁର୍ବେ ଅଭୟଙ୍କ ସ୍ତ୍ରୀ ଦେହାନ୍ତ ହୋଇଥିଲା। ସ୍ତ୍ରୀର ଦେହାନ୍ତ ହେତୁ ଅଭୟଙ୍କ ପରିବାର ଲୋକେ ଗତ ୮ ତାରିଖରେ ଶୁଦ୍ଧିକ୍ରିୟା ପାଇଁ ପୁରୀ ଯାଇଥିଲେ। ୧୧ତାରିଖରେ ଅଭୟଙ୍କ ପଡୋଶୀ ଫୋନ କରି ଜଣାଇଥିଲେ ଯେ ତାଙ୍କ ଘରର କବାଟ ଓ ତାଲା ଭଙ୍ଗା ଯାଇଥିବା ତାଙ୍କୁ ଖବର ଦେଇଥିଲେ। ଖବର ପାଇ ଅଭୟ ପୁରୀ ବ୍ରହ୍ମପୁର ଫେରି ଘରକୁ ଯାଇ ଦେଖିବା ବେଳେ ଘରର କବାଟ ଓ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘରର ଦୁଇଟି ଆଲମାରୀରେ ଓ ଟ୍ରଙ୍କରେ ଥିବା ୨୨୦ଗ୍ରାମର ସୁନା ଅଳଙ୍କାର, ୩୦ଗ୍ରାମର ସୁନା ବିସ୍କୁଟ, ୭୦ଗ୍ରାମର ରୂପା ଅଳଙ୍କାର ଓ ନଗଦ ୧୨ ହଜାର ଟଙ୍କା ଗାଏବ ଥିଲା। କୌଣସି ଦୁର୍ବୃତ୍ତ ଘରେ ନଥିବାର ସୁଯୋଗ ନେଇ ଘରର ତାଲା ଭାଙ୍ଗି ଉପରୋକ୍ତ ସୁନା ଅଳଙ୍କାର ଚୋରି କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ବନ୍ଧୁକ ମୁନରେ ବ୍ୟବସାୟୀଙ୍କୁ ଲୁଟ୍

କବିସୂର୍ଯ୍ୟନଗର,୧୨।୧(ସମିସ): କବିସୂର୍ଯ୍ୟନଗର ଥାନା ମୋହନାପଲ୍ଲୀ ଛକ ନିକଟରେ ଜଣେ ବ୍ୟବସାୟୀଙ୍କ ଠାରୁ ବିପୁଳ ପରିମାଣର ରୁପା ଅଳଙ୍କାର ଲୁଟ୍ ହୋଇଛି। ପୁରୁଷୋତ୍ତମପୁର ଅଞ୍ଚଳର ବେଲା ସେନାପତି ସୋମବାର ଗୋଟିଏ ବାଇକରେ ୧୫ କେଜି ଓଜନର ବିଭିନ୍ନ ପ୍ରକାର ରୁପା ଅଳଙ୍କାର ନେଇ ମୋହନାପଲ୍ଲୀ ଗ୍ରାମକୁ ବ୍ୟବସାୟ ପାଇଁ ଯାଉଥିବାବେଳେ ଗୁଡ଼ିଆଳି ରାସ୍ତାର ପୋଖରୀ ନିକଟରେ ୩ ଜଣ ଯୁବକ ଗୋଟିଏ ବାଇକରେ ପିଛାକରି ଅଟକାଇବା ସହ ମାଉଜର ଦେଖାଇ ଆକ୍ରମଣ କରିଥିଲେ। ପରେ ରୁପା ଅଳଙ୍କାର ଲୁଟ୍ କରି ଚମ୍ପଟ ମାରିଥିଲେ। ଏନେଇ ବ୍ୟବସାୟୀ ଜଣକ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଯାଞ୍ଚ କରୁଛି। ପ୍ରାୟ ୧୫ କେଜି ରୁପା ଅଳଙ୍କାର ସହ ପିନ୍ଧିଥିବା ଦୁଇଟି ସୁନା ମୁଦି ଦୁର୍ବୃତ୍ତ ଛଡାଇ ନେଇଥିବା ଏତଲାରେ ଉଲ୍ଲେଖ ରହିଛି।

## ପ୍ରକୃତ ମାଲିକଙ୍କୁ ଟଙ୍କା, ସୁନା ଫେରାଇଲା ପୁଲିସ



କୁକୁଡାଖଣ୍ଡି:୧୨।୧(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ନିମାଖଣ୍ଡି ଥାନା ପୁଲିସ ଗତ କିଛିଦିନରେ ୬ଟି ଚୋରି ମାମଲାର ସମାଧାନ କରିଛି। ଏହି ସମସ୍ତ ମାମଲାରୁ ପୁଲିସ ୮.୫ ଲକ୍ଷ ଟଙ୍କା ନଗଦ, ୧୮୦ ଗ୍ରାମରୁ ଅଧିକ ସୁନା ଗହଣା ଏବଂ ୨୯୬ ଗ୍ରାମ ରୁପା ସାମଗ୍ରୀ ଉଦ୍ଧାର କରିଛି। ଉଦ୍ଧାର ସମସ୍ତ ନଗଦ ଟଙ୍କା ଓ ଗହଣା ଗୁଡ଼ିକୁ ଡିପିଓ ଅଫିସରେ ସଠିକ୍ ମାଲିକମାନଙ୍କୁ ପୁଲିସ ପକ୍ଷରୁ ହସ୍ତାନ୍ତର କରାଯାଇଛି। ନିଜ ହରାଇଥିବା ସମ୍ପତି ପୁନଃ ପାଇ ମାଲିକମାନେ ନିମାଖଣ୍ଡି ପୁଲିସ ଟିମ୍‌କୁ ପ୍ରଶଂସା କରିଛନ୍ତି।

● ବଦଳିବ ମା' ନାରାୟଣୀ ମନ୍ଦିରର ରୂପରେଖ

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ

ଖଲ୍ଲିକୋଟ,୧୨।୧(ସମିସ): ମା' ନାରାୟଣୀ ମନ୍ଦିରର ରୂପରେଖ ବଦଳିବ। ମୁଖ୍ୟ ମନ୍ଦିରର ରୂପ ବଦଳିବା ସହିତ ଏହାର ପାରିପାର୍ଶ୍ୱିକ ଉନ୍ନତି କରାଯିବ। ଏକ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ, ପର୍ଯ୍ୟଟକଙ୍କ ପାଇଁ ପିକ୍‌ନିକ୍ ପିଣ୍ଡି ନିର୍ମାଣ, ଉପରେ ବନଦୁର୍ଗା ମନ୍ଦିରର ଉନ୍ନତିକରଣ ସହିତ ଏକ ଯଜ୍ଞମଣ୍ଡପ ନିର୍ମାଣ ସହ ଆହୁରି ଅନେକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପରିକଳ୍ପନା କରାଯାଇଛି। ଏଥିପାଇଁ ବର୍ତ୍ତମାନ ପାଇଁ ୧୫ କୋଟି ଟଙ୍କା ମଂଜୁର କରାଯାଇଥିବା ବେଳେ ଆବଶ୍ୟକ ହେଲେ ଆହୁରି ୩ରୁ ୪ କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ଭିତ୍ତିପ୍ରସ୍ତର ସ୍ଥାପନ କରି ରାଜ୍ୟ ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମା 'ନାରାୟଣୀ ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତିଭାସନ୍ ଯୋଗଦେଇଥିଲେ।

# ସାଇବର ଠକେଇ: ଦୁଇଜଣ ହରାଇଲେ ୬ ଲକ୍ଷ

● ଏପିକେ ଫାଇଲ୍ ଇନଷ୍ଟଲ କରି ୩.୪୪ ଲକ୍ଷ ହରାଇଲେ ବରିଷ୍ଠ ନାଗରିକ

● ଯୁବକଙ୍କ ଅଜାଣତରେ ଆକାଉଣ୍ଟରୁ ୨.୬୭ ଲକ୍ଷ ଗାଏବ

ବ୍ରହ୍ମପୁର,୧୨।୧(ସମିସ): ସାଇବର ଠକେଇର ଶିକାର ହୋଇ ଦୁଇ ଜଣ ୬ଲକ୍ଷ ଟଙ୍କା ହରାଇଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ଧର୍ମନଗରରେ ରହୁଥିବା ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକମାନେ ତାଙ୍କ ମୋବାଇଲକୁ ଏପିକେ ଫାଇଲ ପଠାଇ ଇନଷ୍ଟଲ କରି କରିବା ବେଳେ ବ୍ୟାଙ୍କ ଆକାଉଣ୍ଟରୁ ୩ ଲକ୍ଷ ୪୪ ହଜାର ୫୦୦ ଟଙ୍କା ଠକି ନେଇଛନ୍ତି। ସେହିପରି ବ୍ରହ୍ମପୁର ନିମଖଣ୍ଡି ସତ୍ୟନଗରର ଜଣେ ୩୪ ବର୍ଷୀୟ ଯୁବକଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୬୭ ହଜାର ଟଙ୍କା ଠକେଇ ହୋଇଛି। ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଧର୍ମନଗରରେ ରହୁଥିବା ଏହି ୮୦ ବର୍ଷୀୟ ବୃଦ୍ଧଙ୍କ ୱାଟସଆପକୁ ଏକ ଅଜଣା ନମ୍ବରରୁ ଏକ ଏପିକେ ଫାଇଲ ଆସିଥିଲା। ସେହି ଫାଇଲକୁ ବୃଦ୍ଧ ଜଣଙ୍କ ନିଜ ମୋବାଇଲରେ ଇନଷ୍ଟଲ କରିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୩ଲକ୍ଷ ୪୪ହଜାର ୫୦୦ଟଙ୍କା କଟି ଯାଇଥିଲା। ଏନେଇ ଯାଞ୍ଚ ପରେ ବୃଦ୍ଧ ଜଣଙ୍କ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସେହିପରି ସତ୍ୟନଗରରେ ରହୁଥିବା ଜଣେ ୩୪ ବର୍ଷୀୟ ଯୁବକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ମାସ ଭିତରେ ପର୍ଯ୍ୟାକ୍ରମରେ ୨ଲକ୍ଷ ୬୭ ହଜାର ଟଙ୍କା କଟି ଯାଇଥିଲା। ଆକାଉଣ୍ଟ ଷ୍ଟେଟମେଣ୍ଟ ଯାଞ୍ଚ ପରେ ସେହି ସମସ୍ତ ନେଣଦେଣ ଅବୈଧ ଭାବେ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ସାଇବର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ମାମଲାର ତଦନ୍ତ ଆରମ୍ଭ କରିବା ସହ ଠକେଇ ବେଳେ ସାଇବର ଠକମାନେ ବ୍ୟବହୃତ କରିଥିବା ବ୍ୟାଙ୍କ ଆକାଉଣ୍ଟ ଏବଂ ସେଥିରେ ଟଙ୍କା ନେଣଦେଣ ସମ୍ପର୍କରେ ଯାଞ୍ଚ କରୁଥିବା ସୂଚନା ମିଳିଛି। ପୁଲିସ ପକ୍ଷରୁ ସାଇବର ଠକେଇ ନେଇ ସଚେତନତା କରାଯାଉଥିଲେ ମଧ୍ୟ ଲୋକେ ସଚେତନ ହେଉନଥିବା ଦେଖିବାକୁ ମିଳିଛି।










## ଦାରିଙ୍ଗବାଡ଼ି ଶୀତ ମହୋତ୍ସବ ଉଦ୍‌ଯାପିତ



ଦାରିଙ୍ଗବାଡି,୧୨।୧(ସମିସ): ଦାରିଙ୍ଗବାଡ ଆଇଟିଆଇ କଲେଜ ପଡିଆ ଠାରେ ଚାଲିଥିବା ଶୀତ ମହୋତ୍ସବର ଉଦଯାପିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଉପ ଜିଲ୍ଲାପାଳ ବାଲିଗୁଡା ପ୍ରଣିତା ଦାସ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ପ୍ରଥମେ କାର୍ଯ୍ୟକ୍ରମର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ ଏବଂ ତହସିଲଦାର ଧିରଜ ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଆକର୍ଷଣ ଥିଲା ଅସିମା ପଣ୍ଡାଙ୍କ ଗୀତ। ଶେଷରେ ତହସିଲଦାର ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିବାନନ୍ଦ ଏବଂ ସବନା ସଞ୍ଚାଳନ କରିଥିଲେ। ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

# ୮ ପ୍ରମୁଖ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ପାରଳାଖେମୁଣ୍ଡି,୧୨।୧(ସମିସ):

ଗଜପତି ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ଦାବିକୁ ପୂରଣ କରିଛନ୍ତି ରାଜ୍ୟ ସରକାର। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଜପତି ଜିଲ୍ଲାର ୮ଟି ପ୍ରମୁଖ ରାସ୍ତା ନିର୍ମାଣ ଲାଗି ୮ଟି ପ୍ରକଳ୍ପ ଗୁଡିକୁ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ

### ୨୨୬ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ

ହରିଚନ୍ଦନଙ୍କ ସମେତ ବିଭାଗୀୟ ଉଚ୍ଚପଦାଧିକାରୀମାନେ ଉପସ୍ଥିତ ଥିଲେ। ଏନେଇ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶିଳାନ୍ୟାସ ଉଦଘାଟନର ସିଧାପ୍ରସାରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ଭିତ୍ତିପ୍ରସ୍ତର ଫଳକ ଗୁଡିକର ଉଦଘାଟନ କରିଥିଲେ। ଏହି



କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ.ଅଭିଷେକ ସେଠୀ, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ଦାସ ପ୍ରମୁଖଙ୍କ ସମେତ ପୂର୍ତ୍ତବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ମୋହନା ଓ ପାରଳାଖେମୁଣ୍ଡିର ୮ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଏଥିରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୩ ଗୋଟି ପ୍ରକଳ୍ପ ରହିଥିବା ବେଳେ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ୫ ଗୋଟି ରାସ୍ତା ପ୍ରକଳ୍ପ ରହିଛି। ବହୁ ପ୍ରତିକ୍ଷିତ ପାରଳାଖେମୁଣ୍ଡି ବାଇପାସ ୪.୨୭୭ କିମି ରାସ୍ତା ନିର୍ମାଣ ପାଇଁ ୪୭ କୋଟି ୪୮ ଲକ୍ଷ ଟଙ୍କା, ଗୋପିଲୀ ରାଜ୍ୟରାଜପଥ -୪ ଠାରୁ କିଞ୍ଚିଲିଙ୍ଗି ୭.୪୨୧ କିମି ରାସ୍ତାର ଉନ୍ନତି କରଣ ପାଇଁ ୧୫ କୋଟି ୫୪ ଲକ୍ଷ ଟଙ୍କା ଏବଂ ବାଘଶାଳା-ଅଗରଖଣ୍ଡି ପୂର୍ତ୍ତ ବିଭାଗର ରାସ୍ତା ଠାରୁ ଜାତୀୟରାଜପଥ ପର୍ଯ୍ୟନ୍ତ ୬.୦୪୫ କିମି ରାସ୍ତାର ଉନ୍ନତି କରଣ ପାଇଁ ୧୨ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀର ନୂଆଗଡ ଠାରୁ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ସେରଙ୍ଗ ପର୍ଯ୍ୟନ୍ତ ୧୬.୬୦୦ କିମି ରାସ୍ତାର ଉନ୍ନତି କରଣ ପାଇଁ ୪୦ କୋଟି ୩୦ ଲକ୍ଷ ଟଙ୍କା, ରାମଗିରି-ଜିରାଙ୍ଗ-ନାରାୟଣପୁର ୧୫.୦୦୦କିମି ରାସ୍ତାର ଉନ୍ନତିକରଣ ପାଇଁ ୧୨ କୋଟି ୭ ହଜାର ଟଙ୍କା, ଜିରାଙ୍ଗ-କଇଁପୁର ୧୨.୩୧୩ କିମି ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତି ପାଇଁ ୧୭ କୋଟି ୬୮ ଲକ୍ଷ ଟଙ୍କା, ଚାନ୍ଦିପୁଟ-ଲୁହାଗୁଡି ୧୩.୩୧୬ କିମି ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତିକରଣ ପାଇଁ ୨୮ କୋଟି ୯ ଲକ୍ଷ ଟଙ୍କା ଓ ଆର୍.ଉଦୟଗିରି-ସମ୍ବଲପୁର ୧୯.୧୩୮ କିମି ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତି ପାଇଁ ୫୩ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଜିଲ୍ଲାରେ ମୋଟ ୯୪.୧୧ କିମି ରାସ୍ତା ନିର୍ମାଣ, ପ୍ରଶସ୍ତିକରଣ ଏବଂ ଉନ୍ନତିକରଣ ପାଇଁ ମୋଟ ୨୨୬ କୋଟି ୫୮ ଲକ୍ଷ ବ୍ୟୟ ମଞ୍ଜୁର ହୋଇଥିବା ବେଳେ ଏଥି ମଧ୍ୟରେ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀର ୭୬.୩୬୭ କିମି ରାସ୍ତା ପାଇଁ ୧୫୧କୋଟି ୩୨ ଲକ୍ଷ ୭୧ ହଜାର ଟଙ୍କା ଏବଂ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭.୭୪୩ କିମି ରାସ୍ତା ପାଇଁ ୭୫ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇଥିବାର ଜଣାପଡିଛି।

■ ରାଇପଦା ରାସ୍ତାରେ ମିଛ ବାଘ ଫଟୋ ଭାଇରାଲ

## ଭୟଭୀତ ଯାତ୍ରୀ; ତାଗିଦ୍ କଲା ବନ ବିଭାଗ




ଜି ଉଦୟଗିରି,୧୨।୧(ସମିସ): କିଛିଦିନ ତଳେ ଜି.ଉଦୟଗିରି-କଳିଙ୍ଗା ରାସ୍ତାର ରାଇପଦା ନିକଟ ଏକ ଫାର୍ମ ହାଉସ୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ ବାଘ ଚଳପ୍ରଚଳ କରୁଥିବା ଫଟୋ ଭାଇରାଲ୍ ପରେ ବନ ବିଭାଗ ତଦନ୍ତ କରି ବାଘ ଗତିବିଧି ଉପରେ ନଜର ରଖିବା ସହିତ ନାଇଟ ପାଟ୍ରୋଲିଂ କଡ଼ାକଡ଼ି କରିଛି।

ମାତ୍ର କିଛି ଅସାମାଜିକ ଯୁବକ ରାଇପଦା ବୋର୍ଡ ଲାଗିଥିବା ରାସ୍ତାରେ ଦିନବେଳେ ଏକ ବାଘ ଶୋଇଥିବା ଏଡିଟିଙ୍ଗ୍ କରି ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ଫଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶେଷ କରି ପର୍ଯ୍ୟଟନ ଋତୁରେ ଲୋକେ ପରିବାର ସହିତ କନ୍ଧମାଳ ଆସୁଥିବା ବେଳେ ଏହିଭଳି ଫେକ୍ ଫଟୋରେ ଭୟଭୀତ କରିବା ପୁରା ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଭାବିତ କରିବା ଆଶଙ୍କା ଦେଖାଦେଇଛି। ଏନେଇ ପର୍ଯ୍ୟଟକଙ୍କୁ ଭୟଭୀତ ନହେବାକୁ ବନବିଭାଗ କହିଥିବାବେଳେ ପୋଷ୍ଟ କରୁଥିବା ଲୋକଙ୍କୁ ପଚରା ଯାଉଥିବା ବେଳେ ଏଣିକି ଫେକ୍ ଫଟୋ ଛାଡି ସମାଜରେ ବିଭ୍ରାନ୍ତି କରୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛି ବନ ବିଭାଗ।

## ଜାତୀୟ ଯୁବା ଦିବସ ପାଳନ

ପାରଳାଖେମୁଣ୍ଡି,୧୨।୧(ସମିସ): ଜାତୀୟ ଯୁବା ଦିବସ ଅବସରରେ ସଖୀ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ "ନିଶାମୁକ୍ତ ଯୁବା ପାଇଁ ବିକଶିତ ଭାରତ" ଅଭିଯାନକୁ କେନ୍ଦ୍ର କରି ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେଗା ସବୁଜ ପତାକା ଦେଖାଇ ଏହାରର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, କିଶୋର ନ୍ୟାୟ ପରିଷଦ ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ସୁରକ୍ଷା ଅଧିକାରୀ ସାରଳା ପାତ୍ର, ସହ ବିଭିନ୍ନ ବିଭାଗର ଷ୍ଟାଫ୍, ଟ୍ରାନ୍ସଜେଣ୍ଡର ସେକ୍ରେଟାରୀ ଜସ୍ମିନ ସେକ୍ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ର ପ୍ରଶାସିକା ଅନନ୍ୟା ପାତ୍ରଙ୍କ ସମେତ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ନାଗେଶ୍ୱର ଚୌଧୁରୀ, ମଧୁସ୍ମିତା ପାଢି, ସୁନିତା ବେହେରା, ମୋହିନୀ ପ୍ରଧାନ, ଶିବାନୀ ସାମନ୍ତ, ନିରୁପମା ଜେନା, ଟି. ସୁରେଶ କୁମାର, ଦିବ୍ୟ କୁମାର ଓ ହରିକୃଷ୍ଣ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

## ରାଣୀ ଲକ୍ଷ୍ମୀବାଇ ଆତ୍ମସୁରକ୍ଷା ଶିବିର

ଗୋଷାଣି,୧୨।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ଗ୍ରାମ ସ୍ଥିତ ସରକାରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଇ ଆତ୍ମସୁରକ୍ଷା ଶିବିର ସମେତ ବ୍ଲକ କ୍ରୀଡା ସଂଗଠନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷାଣି ବ୍ଲକ ଶିକ୍ଷାଧିକାରୀ ଶିବରାମ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ଗଙ୍ଗାଧର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋଷାଣି, ଆଡାଗାଁ, ଲାବାଣ୍ୟଗଡ ଓ ରମ୍ଭା କ୍ଲଷ୍ଟରର ପ୍ରାୟ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରେଖାରାଣୀ ଦେଓ, ତପସ୍ୱିନୀ ପଣ୍ଡା, ବି. ପଦ୍ମଜା ଓ ରଶ୍ମୀରାଣୀ ସାମଲ ସମସ୍ତଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଏହାପରେ ବ୍ଲକର ୨୦ ଜଣ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବ୍ଲକ କ୍ରୀଡା ବିଭାଗର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବର୍ଷ ପାଇଁ କ୍ରୀଡାର ଉନ୍ନତି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗୁଡିକ ନେବାପାଇଁ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ପାତ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ଗଙ୍ଗାଧର ଆବଶ୍ୟକୀୟ ମତାମତ ଓ ପରାମର୍ଶ ଦେଇଥିଲେ। କ୍ରୀଡା ଶିକ୍ଷକ କିଶୋର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## କ.ନୂଆଗାଁ ହାଇସ୍କୁଲରେ ପିଏମ୍‌ଶ୍ରୀ ବାର୍ଷିକ ଉତ୍ସବ

ବାଲିଗୁଡ଼ା,୧୨।୧(ସମିସ): କ.ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ ଶ୍ରୀ ଯୋଜନା ମାଧ୍ୟମରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ ଅଧ୍ୟକ୍ଷତା କରି ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହିପରି ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସରକାରଙ୍କ ଆଭିମୁଖ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି ସଂଘ ସଭାପତି ତଥା ସାଂସଦ ପ୍ରତିନିଧି ପଣ୍ଡିତ କୁମାର ବିଶି ମାଝୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିବା ସହ ବିଭିନ୍ନ ସଚେତନତା ମୂଳକ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରେବିଙ୍ଗିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଆରସିସି ତଥା ଏବିଇଓ ଚୈତନ୍ୟ କହଁର, ପୁରାତନ ଛାତ୍ର ତଥା ସମାଜ ସେବୀ କୃଷ୍ଣ ମୋହନ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲ୍ଲିକ, ସମିତି ସଭ୍ୟା ମମତା ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜନକ ମଲ୍ଲିକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରି ଉତ୍ସାହିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ବରିଷ୍ଠ ଶିକ୍ଷକ ବାଳକୃଷ୍ଣ ପାତ୍ର, ଓମ୍ ପ୍ରକାଶ ସାହୁ, ଅଭିମନ୍ୟୁ ଘୋଷ, ନିଗମାନନ୍ଦ ବେହେରା, ସମୀର କୁମାର ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




# ବିଭିନ୍ନ ସ୍ଥାନରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ



ପାରଳାଖେମୁଣ୍ଡି



ଜି.ଉଦୟଗିରି

ପାରଳାଖେମୁଣ୍ଡି,୧୨।୧ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଦୋଳବନ୍ଧ ଉନ୍ନୟନ କମିଟି ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୪ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ କମିଟ ସଭାପତି ଆଚାର୍ଯ୍ୟ ବିନୋଦଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଦୋଳବନ୍ଧ ମଧ୍ୟଭାଗରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତୀରେ ସଦସ୍ୟମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ମିଶ୍ର, ମଙ୍ଗଳା ପଟ୍ଟନାୟକ, ରାଜେନ୍ଦ୍ର ବେହେରା, ମନୋଜ ପଟ୍ଟନାୟକ, ରାମ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ପାରଳାଖେମୁଣ୍ଡି:** ପାରଳାଖେମୁଣ୍ଡି ସହର ଶିଶୁ ବିଦ୍ୟା ମନ୍ଦିର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ବିଦ୍ୟାଳୟର ଉପସଭାପତି ସଞ୍ଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ସ୍ଥାନୀୟ ଦେବୀ ମଠର ମହନ୍ତ ପୂଜ୍ୟ ରାମାନନ୍ଦ ଦାସ, ଅବସରପ୍ରାପ୍ତ ସୈନିକ ମନୋଜ କୁମାର ଦାସ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ଚଣ୍ଡୀ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସଡ଼କ ଓ ପରିବହନ ବିଭାଗର ଏସ୍‌ଆଇ ପ୍ରଜ୍ଞା ପାରମିତା ସିଂ, ଜେଏସ୍‌ଏସ୍ ସ୍କିଲ୍ ଇଣ୍ଡିଆ ଗଜପତି ଶାଖାର କର୍ମକର୍ତ୍ତା ଆନନ୍ଦ ବେଗରାଇ, ରବିନ୍ଦ୍ର କୁମାର ପଣ୍ଡା, ସଖି ଓ୍ୱାନ୍ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା ସୁନୀତା ବେହେରା ଓ ମଧୁସ୍ମିତା ପାଢୀ, ଯୁବ ସଫ୍ଟଓ୍ୱେୟାର୍ ଇଞ୍ଜିନିୟର ଜଗନ୍ ମୋହନ ମହାପାତ୍ର, ସ୍ୱଦେଶୀ ଜାଗରଣ ମଞ୍ଚର କାର୍ଯ୍ୟକର୍ତ୍ତା ମହେଶ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ ଓ ସଦସ୍ୟା ସରିତା ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

**ଜି.ଉଦୟଗିରି:** ଜି.ଉଦୟଗିରି ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜନ୍ମତିଥି ପାଳନ ହୋଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ଏକ ଶୋଭା ଯାତ୍ରାରେ ସାରା ସହର ପରିକ୍ରମା କରିଥିଲେ। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ବିଶି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ମିହିର କାନ୍ତ ପ୍ରଧାନ ଓ ଶିକ୍ଷା କେନ୍ଦ୍ର ସଭାପତି ପତିତ ପାବନ ସାହୁ ଯୋଗ ଦେଇଥିଲେ। ସମ୍ପାଦକ ଅରୁଣ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ବିଷୟରେ କହିଥିଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ଗୀତାଞ୍ଜଳି ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୮୬ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

ଟିକାବାଲି,୧୨।୧(ସମିସ): ଟିକାବାଲି ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କରଙ୍କ ନେତୃତ୍ୱରେ ପୁଲିସ ପ୍ରଶାସନ, ଅବକାରୀ ଏବଂ ରାଜସ୍ୱ ବିଭାଗର ମିଳିତ ସହଯୋଗରେ ପ୍ରାୟ ୮୬ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି। କଟିମାହା ପଞ୍ଚାୟତର ଅଡ଼ାଖୋଲ, ଡୁଙ୍ଗିସାହି, ଉପରଖୋଲ, ଲଦାସାହି, ବିଲାବାଡ଼ା, ଦାସାଗୁଡ଼ା ଏବଂ କଇଁଝର ପଞ୍ଚାୟତର ଗଣ୍ଡଗାଁ ସମେତ ବିଭିନ୍ନ ଅଞ୍ଚଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହୋଇଥିବା ପୁଲିସ ଖବର ପାଇ ଚଢ଼ଉ କରିଥିଲା। ଅଭିଯାନରେ ଟିକାବାଲି ତହସିଲଦାର ହରିଶ ଚନ୍ଦ୍ର ପ୍ରଧାନ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଏଥିସହିତ ଟିକାବାଲି ଥାନା ଏସ.ଆଇ ଅବନୀ ପ୍ରଧାନ, ପଞ୍ଚାନନ ମଲିକ, ଅବକାରୀ ବିଭାଗର କର୍ମଚାରୀ, ହୋମଗାର୍ଡ ଏବଂ ଏସ.ଜି ଯବାନ ସାମିଲ ଥିଲେ।

## ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କଲେ କାୟାକଳ୍ପ ଟିମ୍



ଛତ୍ରପୁର,୧୨।୧(ସମିସ): ରାଜ୍ୟର ୩ଜଣିଆ କାୟାକଳ୍ପ ନିରୀକ୍ଷଣ ଟିମ ସୋମବାର ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଏହାର ଭିତ୍ତିଭୂମିର ତଦାରଖ କରିଛନ୍ତି। ବିଭିନ୍ନ ବିଭାଗ ବୁଲି ଦେଖିଛନ୍ତି। କର୍ମଚାରୀଙ୍କ ଅଭିଜ୍ଞତା ଏବଂ କାର୍ଯ୍ୟ ଶୈଳୀ ପରଖିଛନ୍ତି। ସେହିଭଳି ପରିଷ୍କାର ପରିଚ୍ଛନ୍ନତା, ଓଟି, ଲେବର ରୁମ, ଆଉଟଡୋର, ଇନଡୋର, କାଜୁଆଲଟିରେ ରୋଗୀଙ୍କୁ ଉଚିତ୍ ସେବା ପ୍ରଦାନ କରାଯାଉଛି କି ନାହିଁ ତାହାର ଅନୁଧ୍ୟାନ କରିଛନ୍ତି। ଏହି ଟିମ ବି ଡବ୍ଲୁ ଏମ, ବର୍ଷାଜଳ ସଂରକ୍ଷଣର ବ୍ୟବସ୍ଥା, ମେ ଆଇ ହେଲପ ଡେସ୍କ, ଔଷଧ ବିତରଣ କେନ୍ଦ୍ର, ମିଶନ ଶକ୍ତି କାଫେ ଏବଂ କିଚେନ ରୁମ ଆଦି ବିଭିନ୍ନ ଅଂଚଳ ବୁଲି ଦେଖିଛନ୍ତି। ୩ ଜଣିଆ ଟିମରେ ଏଡିପି ଆଣ୍ଡ ଆଇଡି ଓଡିଶା ଡାକ୍ତର ଅଞ୍ଜନା ପଣ୍ଡା, ବିଭୁଦା ବିଜୟ ଲକ୍ଷ୍ମୀ ଓପ୍ରଜନା ଚୌଧୁରୀ ରହିଥିଲେ। ଜିଲ୍ଲାସ୍ତରରୁ ମାତୃ ଶିଶୁ ସ୍ୱାସ୍ଥ୍ୟ ସଂଯୋଜକ ପ୍ରଶାନ୍ତ ବରାଳଙ୍କ ସହ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅଲେଖ ଚନ୍ଦ୍ର ପ୍ରଧାନ, ହସ୍ପିଟାଲ ମ୍ୟାନେଜର ଗଣେଶ ନାହାକଙ୍କ ସମେତ ସମସ୍ତ ଡାକ୍ତର ଅନ୍ୟାନ୍ୟ ଷ୍ଟାପ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ମଣ୍ଡିରୁ ଉଠୁନି ଧାନ; ବଢୁଛି ଚାଷୀ ଅସନ୍ତୋଷ

ଶେରଗଡ,୧୨।୧(ସମିସ):

ଶେରଗଡ଼ ବ୍ଲକରେ ସରକାରୀ ମଣ୍ଡି ଖୋଲିଛି ଏବଂ ଟୋକନ ଅବଧି ସରିବାକୁ ଆଉ ୧୦ ଦିନ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ଧାନ ମଣ୍ଡିକୁ ପହଞ୍ଚିପାରୁନି। ଏଥିପାଇଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଜି କୃଷ୍ଣଛାଇ ପଞ୍ଚାୟତର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଶିବାଜୀ ବିଷୋୟୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବ୍ଲକ ଅଫିସ ସାମନାରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଥାଉକି, ଚାଷୀ ବହୁ ପରିଶ୍ରମ କରି ଖର୍ଚ୍ଚାନ୍ତ ହୋଇ ବର୍ଷକ ଲାଗି କରିଥିବା ଧାନ ଫସଲ ଅମଳ କରି ଆଣି ଏବେ ଘରେ ରଖିଛି। ପ୍ରଶାସନ ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ଧାନମଣ୍ଡି ଖୋଲାଯିବା ପରେ ଚାଷୀ ଖୁସି ହୋଇଥିଲା। ମାତ୍ର ମଣ୍ଡିରେ ଧାନ ଉଠୁନଥିବାରୁ ମହାଜନମାନେ ଦେଇଥିବା ଅର୍ଥ ଠିକ ସମୟରେ ଚାଷୀଠାରୁ ନପାଇବାରୁ ସେମାନେ ଚାଷୀ ମାନଙ୍କୁ ଶୁଣାଉଥିବା ଜାଣିବାକୁ ମିଳିଛି। ସେଥିଲାଗି ଚାଷୀ ବାଧ୍ୟ ହୋଇ ଦଲାଲମାନଙ୍କୁ ଅଧା ଦାମରେ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଧାରଣା ସମ୍ପର୍କିତ ଖବର ପାଇ ବିଡିଓ ତୃପ୍ତିମୟୀ ଜେନା ଓ ଯୋଗାଣ ନିରୀକ୍ଷକ ବିଭୁ ପ୍ରସାଦ ସାହୁ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ।



ଚାଷୀମାନେ ପ୍ରକାଶ କରିଥିଲେ ଯେ, ପ୍ରତ୍ୟେକବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚାଷୀଙ୍କ ଘରୁ ଧାନ ଉଠାଯାଉ। ନଚେତ୍ ଯଦି ଚାଷୀ ଖୋଟ ଅଖାରେ ଧାନ ଦେବ। କୌଣସି କଟ୍‌ନୀ ଛଟ୍‌ନି ରହିବ ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ଗତ ୯ ତାରିଖରେ ଧବଳପୁର ପଞ୍ଚାୟତର ଶତାଧିକ ଚାଷୀ ଏଭଳି ସମସ୍ୟାକୁ ନେଇ ବ୍ଲକ ସାମନାରେ ଧାରଣା ଦେଇଥିଲେ। ଏହି ଘଟଣାକୁ ନେଇ ଆଜି ଯୋଗାଣ ନିରୀକ୍ଷକ ପ୍ରକାଶ କରିଛନ୍ତି ଯେ, ଦିନେ ଦୁଇ ଦିନ ମଧ୍ୟରେ ମିଲରଙ୍କ ସହିତ ଆଲୋଚନା କରି ସମାଧାନର ପନ୍ଥା ବାହାର କରାଯିବ।

## ରାଷ୍ଟ୍ରୀୟ ଯୁବ ଦିବସ ଓ ସମୂହ 'ବନ୍ଦେ ମାତରମ୍' ଗାନ



ବ୍ରହ୍ମପୁର,୧୨।୧(ସମିସ): ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଯୁବ ଦିବସ ଓ ସାମୂହିକ ଭାବେ ବନ୍ଦେ ମାତରମ୍ ସଂଗୀତ ଗାନ କରାଯାଇଛି। ଏଥିସହିତ ଯୁବ ରେଡକ୍ରସର ସୌଜନ୍ୟରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଡ.ହୃଷୀକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଯୁବ ରେଡକ୍ରସର ସଂଚାଳିକା ଅନ୍ନପୂର୍ଣ୍ଣା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ପ୍ରଥମେ ସାମୂହିକ ଭାବେ ବନ୍ଦେ ମାତରମ୍ ସଂଗୀତ ଗାନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ବିଜୟ କୁମାର ଖଟେଇ, ସ୍ୱରୂପା ସାହୁ, ସଂଗୀତା ସ୍ୱାଇଁ, ରାଜୁ ନାହାକ, ସୁଶାନ୍ତ କୁମାର ନାୟକ, ମଧୁଛନ୍ଦା ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କ୍ରୀଡାଶିକ୍ଷକ ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ମନ୍ତ୍ରୀ

ପୋଲସରା,୧୨।୧(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୧୦ ଜଣ ଚାଷୀଙ୍କ ୨୦ ଏକରର ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା। ସୋମବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକ ଗ୍ରାମରେ ପହଞ୍ଚି ସମାଜସେବୀ ତଥା ଯୁବ ନେତା ଜଗନ୍ନାଥ ବାଡେଇଙ୍କ ସହିତ ଏନେଇ ଆଲୋଚନା କରିବା ସହ ପରେ କ୍ଷତିଗ୍ରସ୍ତ ଚାଷୀଙ୍କ ଧାନ ଜମିକୁ ଯାଇ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତଙ୍କୁ ଯଥାସମ୍ଭବ ସରକାରୀ ସହାୟତା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରିପାଲ ଓ



ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିଭଳି ଓ କେଉଁ କାରଣରୁ ଧାନ ଗଦାରେ ନିଆଁ ଲାଗିଲା ତାହା ଏବେବି କାରଣ ଅସ୍ପଷ୍ଟ ରହିଛି। ମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ନେଇ ଚାଷୀମାନଙ୍କ ମଧ୍ୟରେ ଆଶା ଉପୁଜିଥିବା ଥିବା ବେଳେ ଏବେ ମଧ୍ୟ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା କାରଣରୁ ଅମଳ ଧାନର ସୁରକ୍ଷାକୁ ନେଇ ଚିନ୍ତିତ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଲକ୍ଷ୍ମୀନାରାୟଣ କଲେଜକୁ ମୁଖ୍ୟମନ୍ତ୍ରୀ ବସ୍‌ସେବା



କୋଦଳା,୧୨।୧(ସମିସ): ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ ହେଲା। କଲେଜ ପରିସରରେ ପହଞ୍ଚିବା ପରେ ସମସ୍ତ ଅଧ୍ୟାପକ /ଅଧ୍ୟାପିକା, ଛାତ୍ର ଛାତ୍ରୀ, କର୍ମଚାରୀଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ବସ ସେବାକୁ ଉଦଘାଟନ କରିବା ସହିତ ଏହା ସମସ୍ତ ଛାତ୍ରଛାତ୍ରୀଙ୍କ ଗମନା ଗମନାର ସହାୟକ ହୋଇପାରିବ ବୋଲି କହିଥିଲେ। କୋଦଳା ବସଷ୍ଟାଣ୍ଡ ଠାରୁ ପ୍ରାୟ ୩ କିଲୋମିଟର ରାସ୍ତା ଦୂରରେ ଅବସ୍ଥିତ କଲେଜ। ଫଳରେ ଛାତ୍ରଛାତ୍ରୀ ନିଜ ନିଜ ଗ୍ରାମରୁ ବସ ଯୋଗେ କୋଦଳାରେ ପହଞ୍ଚି ସେଠାରୁ ଚାଲି ଚାଲି କଲେଜ ଆସନ୍ତି। ବିଳମ୍ବ ଯୋଗୁ କ୍ଲାସ୍ ମିସ୍ ହୁଏ। ଏହାର ସ୍ଥାୟୀ ସମାଧାନ ପାଇଁ ଛାତ୍ରଛାତ୍ରୀ ବହୁଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସେବା ଦ୍ୱାରା ହରିଜନ ସାହି, ନୁଆଁସାହି, ଭାଇଗାସାହି, ଗୌରଦେଇପୁର, କାକୁଡିଆପଡା ଏବଂ ପଠାଣ ସାହି ଜନସାଧାରଣ ମଧ୍ୟ ଏହି ସେବା ପାଇପାରିବେ।

## ନୂଆ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

କୋଦଳା,୧୨।୧(ସମିସ): ବେଗୁନିଆପଡ଼ା ବ୍ଲକରେ ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଦିବ୍ୟ ରଞ୍ଜନ ବିଶ୍ୱାଳ। ଆଜି ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଏଏସ୍ ଅଧିକାରୀ ଭାବେ ପ୍ରଥମ ପୋଷ୍ଟିଂ ଭାବେ ବେଗୁନିଆପଡ଼ା ବ୍ଲକରେ ଦାୟିତ୍ୱ ନେଇଛନ୍ତି ଶ୍ରୀ ବିଶ୍ୱାଳ। ଦାୟିତ୍ୱ ନେବା ପରେ ବ୍ଲକର ସମସ୍ତ ଅଧିକାରୀ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସୂଚନା ଅନୁଯାୟୀ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ସ୍ଥାୟୀ ବିଡ଼ିଓ ନଥିବା ବେଳେ କୋଦଳା ତହସିଲଦାର ସସ୍ମିତା ଶତପଥୀ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ଯାହାକୁ ନେଇ ଅଞ୍ଚଳର



ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସ୍ଥାୟୀ ବିଡ଼ିଓ ନିଯୁକ୍ତି ହେବା ପରେ ଜନସାଧାରଣଙ୍କ ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଉଛି।

## ବିଦ୍ୟୁତ୍ ବିଚ୍ଛିନ୍ନ ପ୍ରତିବାଦରେ ଉପଭୋକ୍ତାଙ୍କ ବିକ୍ଷୋଭ




ଆସିକା,୧୨।୧(ସମିସ): ବିଦ୍ୟୁତ ଉପଭୋକ୍ତା ସଙ୍ଘ ଆସିକା ପକ୍ଷରୁ ବିଦ୍ୟୁତ ବିଚ୍ଛିନ୍ନ ପ୍ରତିବାଦ ଓ ତୁରନ୍ତ ସଂଯୋଗ ଦାବିରେ ସଂଘ ପକ୍ଷରୁ ଏକ ରାଲିରେ ଯାଇ ଆସିକା ବିଦ୍ୟୁତ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ଠାରେ ଗଣ ବିକ୍ଷୋଭ ପଦର୍ଶନ କରାଯାଇଥିଲା। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ବିଭାଗୀୟ ଅଧିକାରୀ ପ୍ରଦାନ କରାଯାଇଥିଲା।

ସୂଚନା ପ୍ରକାରେ, ପଡାଳ ଓ ଜୟପୁର ଅଞ୍ଚଳର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକ ରାଲି କରି ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ତାଙ୍କୁ ପୂର୍ବ ସରକାରଙ୍କ ସମୟରେ ବିପିଏଲ କାର୍ଡ ଅନୁସାରେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ହେଲେ ବିଲ୍ ଆସୁନଥିଲା। କିନ୍ତୁ ଗତ ଶୁକ୍ରବାର ଦିନ ବିଦ୍ୟୁତ ବିଭାଗର କର୍ମଚାରୀ ଗାଁକୁ ଯାଇ ଅନେକ ଲୋକଙ୍କ ବିଦ୍ୟୁତ୍ କାଟିଦେଇଛନ୍ତି। ତେଣୁ ତାହାର ପ୍ରତିବାଦରେ ସେମାନେ ଆଜି ଏହି ବିକ୍ଷୋଭ କରିଛନ୍ତି। ଅନ୍ୟପଟେ ବିଭାଗୟ ଅଧିକାରୀଙ୍କ ପ୍ରତିକ୍ରିୟା ଅନୁସାରେ ଅଭିଯୋଗକାରୀ ମାନେ ବକେୟା ବିଲ୍ ଦେଇ ନଥିବାରୁ ସେମାନଙ୍କ ବିଦ୍ୟୁତ କଟାଯାଇଛି। ଯଦି ସେମାନେ ପୁଣି ବିଲ ପୈଠ କରିବେ ଏବଂ ବକେୟା ବିଲ୍‌କୁ କିସ୍ତି କରି ଦେବେ ତେବେ ପୁଣି ବିଦ୍ୟୁତ ସଂଯୋଗ କରାଯିବ। ଅନ୍ୟପଟେ ଏ ନେଇ କୌଣସି ସମାଧାନର ବାଟ ବାହାରି ନାହିଁ।

## ଧାନ ମଣ୍ଡିରେ ଅଚଳାବସ୍ଥା
# ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି ମିଲ୍

ଛତ୍ରପୁର,୧୨।୧(ସମିସ)

ଧାନ ମଣ୍ଡିରେ ସୃଷ୍ଟି ହୋଇଛି ଅଚଳବସ୍ଥା। ଧାନ ମଣ୍ଡି ଖୋଲାଯାଇଛି ସତ ହେଲେ ମିଲର ଧାନ ନେଉନି। ପୂର୍ବ ସରକାର ଅପେକ୍ଷା ଅଧିକ କଟନୀ ଛଟନୀ ହେଉଛି। ଏଭଳି ଅଭିଯୋଗ କରି ଛତ୍ରପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଚାନ୍ଦୁଲି ପଞ୍ଚାୟତର ଖଣ୍ଡରା ଗ୍ରାମର ଶତାଧିକ ଚାଷୀ। ମିଲରମାନେ ଚାଷୀଙ୍କୁ ସହଯୋଗ କରିବା ବଦଳରେ ଦାଉ ସାଧୁଛନ୍ତି। ବିନା କଟନୀ ଛଟନୀରେ ଧାନ କ୍ରୟ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୁତା ଅଖାରେ ଆଣିଲେ ୭ କେଜି ଏବଂ ଜରି ଅଖାରେ ଆଣିଲେ ୧୦ କେଜି ଧାନ ଅଧିକ ଦେବାକୁ କୁହାଯାଉଛି। ନିୟମ ଠାରୁ ଅଧିକ ଧାନ ଦେଲେ ହିଁ ମିଲର ଚାଷୀଙ୍କଠାରୁ ଧାନ ନେବ ବୋଲି କହୁଛନ୍ତି। ଏନେଇ ଚାଷୀମାନେ ହିଞ୍ଜିଳି ଏମ୍ଆଇଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ ହୋଇନାହିଁ ବୋଲି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲର ଏବଂ ଯୋଗାଣ ବିଭାଗର ସମନ୍ୱୟ ରହୁନି। ଯାହାଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଚାଷୀଙ୍କ ସମସ୍ତ ଧାନ ମଣ୍ଡିରେ କିପରି ସୁରୁଖୁରୁରେ କିଣାଯିବ, ସେମାନଙ୍କ ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି। ଏନେଇ ଏକ ଲିଖିତ ଦାବିପତ୍ର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ନଚେତ ଆଗାମୀ ଦିନରେ ମଣ୍ଡି ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯିବ ବୋଲି ସେମାନେ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିମଳ ଦାଶ, ହରିକୃଷ୍ଣ ମୁନି, ଗଙ୍ଗାରାମ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



### ଅଚାନକ କଟିଗଲା ଜବ୍ କାର୍ଡ
## ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ମହିଳା ଗୋଷ୍ଠୀ



କୋଦଳା,୧୨।୧(ସମିସ): ଅଚାନକ ଜବ୍‌କାର୍ଡ ଲିଷ୍ଟରୁ କଟିଗଲା ନାମ। ଜଣେ କି ୨ ଜଣ ନୁହେଁ, ପ୍ରାୟ ୪ଶହ ଶ୍ରମିକଙ୍କ ଶ୍ରମ କାର୍ଡରୁ ନାମ କଟି ଯାଇଛି। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକର ଖଣ୍ଡିଆନଇ ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିଛି। ଜବ୍ କାର୍ଡ ତାଲିକାରୁ ନାମ କଟିଯିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପଞ୍ଚାୟତର ବହୁ ମହିଳା। ସୋମବାର ପୂର୍ବାହ୍ନରେ ଖଣ୍ଡିଆନଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ସହ ଏନେଇ ପ୍ରତିବାଦ କରିଛନ୍ତି। ଉଦେଶ୍ୟ ମୂଳକ ଭାବେ ସେମାନଙ୍କ ନାମକୁ ବାଦ୍ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥିବା ଲୋକମାନଙ୍କ ନାମ ଜବ୍ କାର୍ଡରେ ଅଛି ଏବଂ ସେମାନଙ୍କ ନାମରେ ମିଥ୍ୟା କାର୍ଯ୍ୟ ଦର୍ଶାଇ ମଜୁରୀ ଛଡା ଯାଉଛି। କିନ୍ତୁ ଆମେ କାମ କରୁଛୁ କିନ୍ତୁ କାହିଁକି ଆମ ନାମ ଜବ୍ କାର୍ଡରୁ ବାଦ୍ ଦିଆଯାଇଛି ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଛନ୍ତି ମହିଳା ଗୋଷ୍ଠୀ। ଏଥିସହ ତୁରନ୍ତ ସମସ୍ତଙ୍କ ନାମ ଯୋଡିବାକୁ ଦାବି କରିଛନ୍ତି। ସେପଟେ ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଦାଶ କହିଛନ୍ତି ବ୍ଲକ ସିଷ୍ଟମରେ କଟି ଯାଇଛି, ଏଥିରେ ଆମର କୌଣସି ସଂପୃକ୍ତି ନାହିଁ। ନବୀକରଣ କରି ପୁଣି ସଂଯୋଗ କରାଯିବ ବୋଲି କହିଛନ୍ତି।

## ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

ଭଞ୍ଜନଗର,୧୨।୧(ସମିସ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ୧ ଓ ୨ପକ୍ଷରୁ ସୋମବାର ସ୍ୱତନ୍ତ୍ର ଶୀତ କାଳୀନ ସେବା ଶିବିର ଉଦଘାଟିତ ହୋଇଯାଇଛି। ଏହାକୁ ଡିଏଫଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିସହ ଆଜି କଲେଜରେ ଜାତୀୟ ଯୁବ ଦିବସ ପାଳନ ସହ ବନ୍ଦେ ମାତରଂମ ସାମୂହିକ ଗାନ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ହରପ୍ରସାଦ ଶତପଥୀ, ପ୍ରଶାନ୍ତ ରଥ, ଡ ରବିନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଜାତୀୟ ସେବା ଯୋଜନା ଶାଖା ଅଧିକାରୀ ବାବୁଲା ପ୍ରଧାନ, ଅଧିକାରିଣୀ ସସ୍ମିତା କୁମାରୀ ଦାସ, ଅଧାପକ ବୁଧିନାଥ ବରିହା ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ପଞ୍ଚାୟତରେ ଜନଶୁଣାଣି ଶିବିର

ଧରାକୋଟ,୧୨।୧(ସମିସ): ଧରାକୋଟ ବ୍ଲକର ସାବା ପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡ଼ିଓ ସୁଶୀଲ ପଟ୍ଟନାୟକ, ସିଡିପିଓ ସୁନୀଲ ପ୍ରଭା ରଥ, ସରପଞ୍ଚ ସୁଲେମାନ ମଣ୍ଡଳ, ସମିତି ସଭ୍ୟ ପ୍ରତିନିଧି ମନୋଜ କୁମାର ପାତ୍ର, ନାଏବ ସରପଞ୍ଚ, ସୁଗ୍ରୀବ ନାୟକ, ଭିଏଏସ ଡାକ୍ତର ମାନସ ରଞ୍ଜନ ପଲେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ସାହୁ, ବିଏସଏସଓ ସଚିନ ପାତ୍ର, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଏପିଓ ନନ୍ଦିନୀ ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୁପାକ୍ଷ ପଟନାୟକ, ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରବିନ୍ଦ୍ର କୁମାର ପଣ୍ଡା, ଜିପିଇଓ ଦେବରାଜ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ରାଜସ୍ୱ ନୀରିକ୍ଷକ ଏସ ଯାଗେୟା, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହ କୃଷି ଅଧିକାରୀ ଅନିଲ କୁମାର ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱଜିତ ମଲିକ, ଏଡିଇଓ ଦୁଷ୍ମନ୍ତ ଖାଡଙ୍ଗା, ମନରେଗା ବିଭାଗର ଅମେଶ ବେହେରା, ଦୀପକ ପଟ୍ଟନାୟକ, ସଂଜୀବ ରାଉଳ, ଯୋଗାଣ ସହାୟକ ଲିଟୁ ନାୟକଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ମୋଟ ୬୫ ଜଣ ଅଭିଯୋଗ ଦାଖଲ କରିଥିଲେ।

**ପୋଲସରା:** ପୋଲସରା ବ୍ଲକ ଭାବରଡ଼ା ପଞ୍ଚାୟତରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୩୫ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ର, ଏବିଡିଓ ସୋନମ୍ ବେହେରା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଭକ୍ତଚରଣ ଦଳାଇ, ଥାନାଧିକାରୀ କୌଶିକ ମାଝୀ, ସିଡିପିଓ ତିଳୋତ୍ତମା ରାଉତ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ସରପଞ୍ଚ ପ୍ରଦ୍ୟୁମ୍ନ ବିଷୋୟୀ, ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରପ ତ୍ରିପାଠୀ, ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜିବ ପାତ୍ର, କ୍ଷୁଦ୍ର ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନୁଜ୍ କୁମାର, ଯନ୍ତ୍ରୀ ଶ୍ରୀକାନ୍ତ ଜେନା ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୌଭାଗ୍ୟ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଜନଶୁଣାଣୀ ଅଧିକାରୀଣୀ ଲିପ୍ସାରାଣୀ ଭଞ୍ଜ, ଏଡିଓ ସନ୍ତୋଷିନୀ ସାହୁ ସମେତ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗୌରୀ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଅନାମିକା ପାଣ୍ଡେ ଅଧ୍ୟକ୍ଷତା କରିଥଲେ। ବ୍ରହ୍ମପୁର ମହାନଗର ଡେପୁଟି କମିଶନର ତଥା ଜନଶୁଣାଣି ନୋଡାଲ ଅଧିକାରୀ କଲ୍ୟାଣୀ ସଂଘମିତ୍ରା ଦେବୀ, ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ବିଡ଼ିଓ ଉମେଶ ଚନ୍ଦ୍ର ସେଠୀ, ସିଡ଼ିପିଓ ଗୀତାଞ୍ଜଳୀ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ବନ୍ଦେ ମାତରଂ ସଙ୍ଗୀତ ରଚନାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୁହିକ ସଙ୍ଗୀତ ଗାନ କରାଯାଇଥିଲା। ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମର ସମସ୍ୟା ନେଇ ଲୋକେ ଆପତ୍ତି କରିଥିଲେ। ଜନଶୁଣାଣିର ୩୨ ଅଭିଯୋଗ ପଞ୍ଜୀକୃତ କରାଯାଇଥିଲା। ବହୁ ସଂଖ୍ୟକ ହିତାଧିକାରୀ ସେମାନଙ୍କ ଭତ୍ତା ଏବଂ ରାସନ କାର୍ଡ ପାଇଁ ଆବେଦନ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସିକା ଡ଼ା. ମଧୁସ୍ମିତା ପଣ୍ଡା, ସହଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭଗବାନ ରଥ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ ଶତପଥୀ, କନିଷ୍ଠ ଯନ୍ତ୍ରୀ ଇଂ. ଗିରିଜା ରାଣୀ ସାହୁ, ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ରୋଜାଲିନ୍ ଦଳାଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିହାରିକା ନନ୍ଦ, ସହକାରୀ ମତ୍ସ୍ୟ ଅଧିକାରୀ ଜୟଭଦ୍ର ମହାରଣା, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ପୂର୍ବତନ ସରପଞ୍ଚ ଦିଲିପ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**କୁକୁଡ଼ାଖଣ୍ଡି:** ନିମଖଣ୍ଡି ଗ୍ରାମପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୫୨ଟି ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଆସଥିଲା। ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିବା ତହସିଲଦାର ରାଜକିଶୋର ପଟ୍ଟନାୟକ କହିଛନ୍ତି। ଆନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଶଶୀ ବେହେରା, ସମିତିସଭ୍ୟ ବିଷ୍ଣୁ ବେହେରା, କୁକୁଡାଖଣ୍ଡି ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ, ବିଇଓ ସନ୍ତୋଷକୁମାର ମହାପାତ୍ର ବ୍ଲକ ଏଇ ଅନୁରାଗ ରଥଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଏହି ଜନଶୁଣାଣୀ ଶିବିରରେ ଉପସ୍ଥିତ ଥିଲେ।



## କବି କିରଣବାଳାଙ୍କ ସ୍ମୃତିରେ କବିତା ଆସର

ବ୍ରହ୍ମପୁର,୧୨।୧(ସମିସ): ସ୍ୱର୍ଗତା କିରଣବାଳା ମିଶ୍ରଙ୍କ ସ୍ମୃତିରେ ନାଟକ "ଜନନୀ ଗରୀୟସୀ' ଏବଂ କବିତା ଆସର 'ରାଜଧିରାଜ ଦେବରାଜ' ଓ ଲେଖିକା ସଂସଦ ପକ୍ଷରୁ ସ୍ଥାନୀୟ ଗୋପାଳକୃଷ୍ଣ



ରଙ୍ଗମଞ୍ଚରେ ଇଂ ଆଶୁତୋଷ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କବିତା ଆସର ଏବଂ ନାଟକ ସମାହାରକୁ କବି କାଳିନ୍ଦୀ ନାୟକ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାହିତ୍ୟ ପରିଷଦର ସଭାପତି କବି ସୁଶାନ୍ତ ଦାଶ ଯୋଗଦେଇ କିରଣବାଳା ମିଶ୍ରଙ୍କ ଭଳି ଯୁଗଜନ୍ମା, ନାଟ୍ୟକାର ତଥା କବିଙ୍କୁ ସମଗ୍ର ଗଞ୍ଜାମ ଜିଲ୍ଲା ହରାଇଥିବା ବେଳେ ତାଙ୍କ ଅନ୍ତେ ସୃଷ୍ଟି ହୋଇଥିବା ଶୂନ୍ୟ ସ୍ଥାନ ଅପୂରଣୀୟ ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା କବି ନୀଳକଣ୍ଠ ସାହୁ, ସମ୍ମାନୀୟ ଅତିଥି ଡ଼କ୍ଟର ସନ୍ତୋଷ ଦାସ ଓ କବି ସ୍ୱର୍ଣ୍ଣପ୍ରଭା ପାଢ଼ୀ ଯୋଗଦେଇ ସ୍ୱର୍ଗତା କିରଣବାଳା ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। କବୟତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ କବି ବିଜୟ ମହାରଣା, ଅମିତା ମିଶ୍ର, ବିଷ୍ଣୁପ୍ରିୟା ମହାପାତ୍ର ଓ ନନ୍ଦିନୀ ତ୍ରିପାଠୀ ପ୍ରମୁଖ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ନୂପୁର ଅନୁଷ୍ଠାନ ତରଫରୁ କବି କିରଣବାଳା ମିଶ୍ରଙ୍କ ରଚିତ ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ନିର୍ଦ୍ଦେଶିତ ନାଟକ ଜନନୀ ଗରୀୟସୀ ମଞ୍ଚସ୍ଥ ହୋଇଥିଲା। ଏଥିରେ ସୁଦ୍ଧାଞ୍ଜଳୀ ମିଶ୍ର, ବିଷ୍ଣୁପ୍ରିୟା ମହାପାତ୍ର, ଶିବାନୀ ପଣ୍ଡା, ନନ୍ଦିନୀ ତ୍ରିପାଠୀ, ଅଙ୍କିତା ପାତ୍ର, ମଞ୍ଜୁ ନାୟକ ଓ ଦିବ୍ୟରୁପା ମହାରଣା ପ୍ରମୁଖ ଅଭିନୟ କରିଥିଲେ। ଶେଷରେ ସମ୍ପାଦିକା ସୁଦ୍ଧାଞ୍ଜଳୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବାକୁ ମେଗା କ୍ୟାମ୍ପ



ଧରାକୋଟ,୧୨।୧(ସମିସ): ବିଦ୍ୟାଳୟ ବାହାରେ ରହିଥିବା ବା ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରିବାକୁ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ପରିଚାଳିତ ହେଉଥିବା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖା ପାଇଁ ଏକ ମେଗା କେମ୍ପ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ପାତ୍ର ଉପସ୍ଥିତ ରହି ଡ୍ରପ ଆଉଟ ହାର କମାଇବା ଉପରେ ଗୁରୁତ୍ୱ ଦେଇଥିଲେ। ମୁକ୍ତ ବିଦ୍ୟାଳୟର ସଂଯୋଜକ ଶିକ୍ଷକ ଗଣପତି ଗମାଙ୍ଗ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତବର୍ଷ ଏଥିରେ ୫୦ଜଣ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା।

## ସାଂସ୍କୃତିକ ମହାପର୍ବ 'ମହୁରୀ ମହୋତ୍ସବ'

ବ୍ରହ୍ମପୁର,୧୨।୧(ସମିସ): ଲୋକକଳାର ଏନ୍ଥୁଡ଼ିଶାଳ ଗଞ୍ଜାମରେ ୪ର୍ଥ ଦୁଇଦିନିଆ ମହୁରୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବରେ ଜିଲ୍ଲାର କୋଣ ଅନୁକୋଣରୁ ବହୁ ଲୋକକଳା କଳାକାର, କଳା ସଂସ୍କୃତି ପ୍ରେମୀ, ସଂସ୍କୃତି ଗବେଷକ ତଥା ଶିକ୍ଷାବିତ ଯୋଗ ଦେଇଥିଲେ। ଶନିବାର ସ୍ଥାନୀୟ ଶତାୟୁ ସ୍ୱାଧିନତା ସଂଗ୍ରାମୀ ଭାଷା ଆନ୍ଦୋଳନର ପୀଠ ଉତ୍କଳ ଆଶ୍ରମର ମୁକ୍ତାକାଶ ମଞ୍ଚରେ ଆୟୋଜିତ ଉତ୍ସବର ପ୍ରଥମ ରଜନୀରେ ବିଶିଷ୍ଟ ଶିକ୍ଷାବିତ ମେଜର ରମାରମଣ ପାଢ଼ୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଉତ୍କଳ ଆଶ୍ରମ ନ୍ୟାସର ସଭାପତି ଡ଼ଃ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ ଏବଂ ବରିଷ୍ଠ ଚିତ୍ରଶିଳ୍ପୀ ଗୁରୁ ଉମାଶଙ୍କର ଆଚାରୀ ଓ ସାଂସ୍କୃତିକ ସଂଗଠକ ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଦୁଇଦିନିଆ ମହୁରୀ ମହୋତ୍ସବର ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଥିଲେ। ଗଞ୍ଜାମର ଲୁପ୍ତପ୍ରାୟ ଲୋକକଳାର ପୁନର୍ବିନ୍ୟାସ କରିବା ସହିତ ଏକ ଶୃଙ୍ଖଳିତ ମଞ୍ଚରେ ଲୋକକଳାର ପ୍ରଦର୍ଶନ ପାଇଁ ଏହି ଉଦ୍ୟମ ଯୁବପିଢିଙ୍କୁ ନୂଆଁ ପରିଚୟ ଦେଇପାରିଛି ବୋଲି ଅତିଥିମାନେ ନିଜର ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ମହୋତ୍ସବକୁ ଅନୁଷ୍ଠାନର ସମ୍ପାଦକ ମିହିର କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ରାମେଶ୍ୱର ନନ୍ଦ, ଉପଦେଷ୍ଟା ଅନିଲ କୁମାର ପାତ୍ର, ଅଭୟେନ୍ଦୁ ଶେଖର ପଟ୍ଟନାୟ, ତ୍ରିପତି ନାୟକ ଓ ଭବାନୀ ଚରଣ ମିଶ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ମହୋତ୍ସବ ଅଧକ୍ଷ ଡ଼ଃ. ସନ୍ୟାସୀ ମହାରଣା ପରିଚାଳନା କରିଥିଲେ। ଯୁବ ଉଦ୍‌ଘୋଷକ ଶ୍ୱସ୍ତି ସୁନ୍ଦର ସିୟ ମଞ୍ଚ ସଂଯୋଜନା କରିଥିବା ବେଳେ ମହୋତ୍ସବ ସଂଯୋଜକ ଶିବରାମ ପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଚଳିତ ବର୍ଷ ୧୦ରୁ ଉଦ୍ଧ୍ୱର୍ ଲୋକକଳା ଦଳ ଓ ୧୫ରୁ ଉଦ୍ଧ୍ୱର୍ ସାଂସ୍କୃତିକ ଦଳ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଓ କୃତିତ୍ୱ ପ୍ରତିପାଦିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଶତାଧିକ ଦର୍ଶକ ଶୀତୁଆ ରାତିରେ ମହୁରୀ ମହୋତ୍ସବର ଆନନ୍ଦକୁ ଉପଭୋଗ କରିଥିଲେ।

## ଗ୍ରୀନ୍ ଷ୍ଟିକର୍ ପାଇଁ ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଭିଡ଼

ଛତ୍ରପୁର,୧୨।୧(ସମିସ)

ଆଜିଠୁ ମିଳିଲା ଗ୍ରୀନ ଷ୍ଟିକର। ଏହି ଗ୍ରୀନ ଷ୍ଟିକର ନେବାକୁ ଛତ୍ରପୁର ସ୍ଥିତ ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲୋକଙ୍କ ଲମ୍ବା ଭିଡ଼ ଦେଖିବାକୁ ମିଳିଛି। ଗଞ୍ଜାମ ଆରଟିଓକୁ ପ୍ରଥମ ପର୍ଯ୍ୟାୟରେ ୫ହଜାର ଗ୍ରୀନ ଷ୍ଟିକର ଆସିଥିବା ବେଳେ ଭଞ୍ଜନଗର ଆରଟିଓକୁ ୨ହଜାର ଷ୍ଟିକର ଆସିଛି। ଏନେଇ ଲୋକେ ଲାଇନରେ ଛିଡା ହୋଇ ଆବଶ୍ୟକୀୟ କାଗଜପତ୍ର ଦେଖାଇ ଗ୍ରୀନ ଷ୍ଟିକର ନେଉଛନ୍ତି। ଏନେଇ କାର୍ଯାଳୟରେ ଏକ ସ୍ୱତନ୍ତ୍ର କକ୍ଷ ଖୋଲାଯାଇଛି। ରେଜିଷ୍ଟରରେ ସମସ୍ତ ତଥ୍ୟ ଉଲ୍ଲେଖ କରି ଲୋକଙ୍କୁ ଦେଉଛନ୍ତି ଷ୍ଟିକର। ଏଯାବତ ପଲ୍ୟୁସନ କେନ୍ଦ୍ରରେ ମିଳୁନଥିବାରୁ ଲୋକେ ହେଉଛନ୍ତି ହାଇରାଣ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗତ ୧୦ତାରିଖରୁ ଗ୍ରୀନ୍ ଷ୍ଟିକର ମିଳିବ ବୋଲି କୁହାଯାଇଥିବା ବେଳେ ଆଜିଠୁ ମିଳିଥିବାରୁ ଲୋକମାନେ ବହୁତ ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ୪୦/୫୦କିଲୋମିଟର ଦୂରରୁ ଲୋକେ ଆସି ଲାଇନ୍‌ରେ ଅପେକ୍ଷା କରିଛନ୍ତି ଷ୍ଟିକର ନିମନ୍ତେ। ସରକାରଙ୍କ ଏହି ନିୟମକୁ କେତେଜଣ ପସନ୍ଦ କରୁଥିବା ଅଧିକାଂଶ ନାପସନ୍ଦ କରିଛନ୍ତି। ଆଗାମୀ ଦିନରେ ଏହାର ସୁବ୍ୟବସ୍ଥା କରିବା ନିମନ୍ତେ ସାଧାରଣ ଦାବି ହୋଇଛି। ଗତ ୯ ତାରିଖ ପୂର୍ବରୁ ପଲ୍ୟୁସନ କରିଥିବା ଲୋକେ ଆଜି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ନିଜ ନିଜ ଗ୍ରୀନ ଷ୍ଟିକର ନେଉଥିବା ବେଳେ ୯ ତାରିଖ ପରେ ପଲ୍ୟୁସନ କରିଥିବା ଲୋକଙ୍କୁ ଉକ୍ତ କେନ୍ଦ୍ରରେ ହିଁ ଗ୍ରୀନ ଷ୍ଟିକର ମିଳିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇନଥିବାରୁ ଲୋକେ ସମସ୍ୟା ଭୋଗୁଥିବା କହିଛନ୍ତି। ପ୍ରଥମ ଦିନରେ ଗଞ୍ଜାମ ଆରଟିଓ କାର୍ଯ୍ୟାଳୟରୁ ୧୩୫ଟି ଗ୍ରୀନ ଷ୍ଟିକର ଲୋକେ ନେଇଥିବା ବେଳେ ଭଞ୍ଜନଗର ଆରଟିଓ କାର୍ଯ୍ୟାଳୟରୁ ୩୫ଟି ଗ୍ରୀନ ଷ୍ଟିକର ନେଇଛନ୍ତି।



